# ୧୩ କୁଇଣ୍ଟାଲ୍ କାଠ ଜବତ



**କୋଣାର୍କ,୨୪।୪/ଏନ୍ଏନ୍ଏସ୍:** କୋଣାର୍କ ଥାନା ଅନ୍ତର୍ଗତ ଅବଦାନ ପଞ୍ଚାୟତର କଳମପାଟ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ଗଛକଟା ଘଟଣାରେ ରାଜସ୍ୱ ବିଭାଗ ସହଯୋଗରେ କୋଣାର୍କ ବନ ବିଭାଗ ପକ୍ଷରୁ କଟାଯାଇଥିବା କାଠ ଜବତ କରାଯାଇଛି। କୋଣାର୍କ ଥାନା ଅଧିନସ୍ଥ କଳମପାଟ ଗ୍ରାମର ରାଜସ୍ୱ ଜମିରେ ଥିବା ଗ୍ରାମ ଜଙ୍ଗଲରୁ ବେଆଇନ ଗଛକଟା ନେଇ କୌଣସି ସୂତ୍ରରୁ ଖବରପାଇ ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ ରବିନ୍ଦ୍ର କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା ଗଛକୁ ଜବତ କରିଥିଲେ। ପରେ ଖବରପାଇ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଓ ବାଲିଦୋକାନ ବନପାଳ ସବିର ସାହୁ ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା ୧୩ କୁଇଣ୍ଟାଲ୍ କାଠ ଜବତ କରିବା ସହ ଏକ ଗାଡ଼ି ସାହାଯ୍ୟରେ କୋଣାର୍କ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କୁ ପଚାରିବାରୁ କଳମପାଟ ଗ୍ରାମ ଜଙ୍ଗଲରୁ ବେଆଇନ୍ ଭାବେ କଟାଯାଇଥିବା କାଠକୁ ବିଭାଗ ପକ୍ଷରୁ ଜବତ କରାଯାଇଥିବା କହିଛନ୍ତି।

## ଜାତୀୟ ପଞ୍ଚାୟତିରାଜ ଦିବସ

# ‘ସହଭାଗିତାରେ କାର୍ଯ୍ୟକଲେ ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହେବ’

**ଦଶପଲ୍ଲା,୨୪।୪/ଏନ୍ଏନ୍ଏସ୍:** ଦଶପଲ୍ଲା ପଞ୍ଚାୟତ ସମିତି ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ଆଜି ହେଉଛି ଆମ ପାଇଁ ଆତ୍ମସମୀକ୍ଷା କରିବାର ବିଷୟ। ଗ୍ରାମସଭା ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳପିଣ୍ଡ। ଗ୍ରାମର ବା ନିଜ ଅଞ୍ଚଳର ବିକାଶ ପାଇଁ ଗ୍ରାମସଭା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହୋଇଥିବାରୁ ସମସ୍ତେ ମିଶି ଏହାକୁ ମଜଭୁତ କରିବା । ସ୍ୱାର୍ଥକୁ ଦୃଷ୍ଟି ନଦେଇ ସମସ୍ତଙ୍କ ସହଭାଗିତାରେ କାର୍ଯ୍ୟ କଲେ ଆମ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଶରତ କୁମାର ମଲ୍ଲିକ, ଏନ୍ଏସି ଅଧ୍ୟକ୍ଷା ଇଂ ପୁନମ୍ ପ୍ରିୟଦର୍ଶିନୀ, ପୂର୍ବତନ ଜିଲ୍ଲାପରିଷଦ କିଶୋର ଚନ୍ଦ୍ର ଦଳାବେହେରା ଓ ଡ଼ଃ ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଦିବସ ସମ୍ପର୍କରେ ବର୍ଣ୍ଣନା କରିବା ସହ ମହାତ୍ମା ଗାନ୍ଧୀଙ୍କ ଗ୍ରାମର ବିକାଶରେ ଦେଶର ବିକାଶ ସ୍ୱପ୍ନ ଏବେ ବି ଅଧୁରା ରହିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ନୂଆଗାଁ



ପଞ୍ଚାୟତକୁ ନିଜସ୍ୱ ସମ୍ବଳ ଆୟ ଯୋଜନା, କୁଜାମେଣ୍ଢଇ ପଞ୍ଚାୟତକୁ ମନରେଗା ଯୋଜନା, ଭୋଗବାଡ଼ି ଓ ଘୋଲାହାଣ୍ଡି ପଞ୍ଚାୟତକୁ ଓଡ଼ିଶା ଜୀବିକା ମିଶନ୍ ଯୋଜନା ଓ ମଧ୍ୟଖଣ୍ଡ ପଞ୍ଚାୟତକୁ ଗ୍ରାମୀଣ ଗୃହ ଯୋଜନାରେ ସମ୍ମାନିତ କରାଯାଇଥିବାବେଳେ ନିଜ ନିଜ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍ ଅତିଥିଙ୍କଠାରୁ ଏହି ସମ୍ମାନପତ୍ର ଗ୍ରହଣ କରିଥିଲେ। ଏହାସହ ମଧ୍ୟଖଣ୍ଡ ପଞ୍ଚାୟତର ସୁନିତା ଘଡ଼େଇ, ଲତା ବିଶ୍ୱାଳ, କୈଳାସ ସାହୁ, ସରୋଜିନୀ ପରିଡ଼ା, ଏଲିନା ଘଡ଼େଇ, ଡିହଗାଁ ପଞ୍ଚାୟତର ଲକ୍ଷ୍ମୀ ନାଏକ, ସୁଷମା ନାଏକ ଓ ବାଉରୀ ନାୟକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ସିମିଳିସାହି ପଞ୍ଚାୟତର ବୁଲା ପ୍ରଧାନ, ଚାନ୍ଦିନୀ ସାହୁ, ଅହଲ୍ୟା ପ୍ରଧାନ ଓ ତେଣ୍ଡାବାଡ଼ି ପଞ୍ଚାୟତର ନିବାସୀ ନାଏକଙ୍କୁ ଏହି ଯୋଜନାରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣକୁ ଉପସ୍ଥିତ ଅତିଥି ଓ ଜନସାଧାରଣ ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଶରତ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ।

# ବନ୍ଧୁକ ଜବତ, ଜଣେ ଗିରଫ



**ଟାରିଛକ,୨୪।୪/ଏନ୍ଏନ୍ଏସ୍:** ଟାରିଛକ ପୁଲିସ୍ ଜଣେ ଯୁବକଙ୍କଠାରୁ ଏକ ବନ୍ଧୁକ ଜବତ କରିବା ସହ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ଗଡ଼ ଅମର ପ୍ରସାଦ ଗ୍ରାମର ଗୁଣନିଧୀ ସାହୁଙ୍କ ଘରେ ୨୨ ତାରିଖ ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ମାନସ ଦାସ ନାମକ ଜଣେ ଯୁବକ ପଶି ଚୋରି କରିବାକୁ ଉଦ୍ୟମ କରିଥିଲା। ଗୁଣନିଧୀ ଓ ତାଙ୍କ ପତ୍ନୀ ଉଠିପଡ଼ି ମାନସକୁ କାବୁ କରିଥିବାବେଳେ ସେ ପାଖରେ ରଖିଥିବା ଏକ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରାଇ ସେଠାରୁ ଖସି ପଳାଇଥିଲା। ପରେ ଗୁଣନିଧୀ ଥାନାରେ ଏକ ଅଭିଯୋଗ କରିବା ପରେ ଉକ୍ତ ଯୁବକ ଅମରରେଶ୍ୱର ବଜାରରେ ବୁଲୁଥିବା ସମୟରେ ପୁଲିସ୍ ତାକୁ କାବୁ କରିଥିଲା। ପଚାରଉଚୁରା କରିବା ପରେ ସେ ଚଉରାଶି ରାସ୍ତାର ଏକ ବଣରେ ବନ୍ଧୁକ ଲୁଚାଇ ରଖିଥିବା ପୁଲିସ୍ ଆଗରେ ମାନିଥିଲା। ପରେ ମାନସ ବନ୍ଧୁକ ଲୁଚାଇ ରଖିଥିବା ସ୍ଥାନରେ ପୁଲିସ୍ ଚଢ଼ଉ କରି ଏକ ବନ୍ଧୁକ ଜବତ କରିଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁକରି କୋର୍ଟ ଚାଲଣ କରିଛି। ମାନସ ନାମରେ ନିଆଳୀ ଥାନାରେ ଏକ ଛେଳି ଚୋରି ମାମଲା ଥିବା ପୁଲିସ୍ ଜାଣିବାକୁ ପାଇଛି।

## ମହିଳା ଜନଗଣନାକାରୀଙ୍କୁ ଆକ୍ରମଣ ଘଟଣା

# ଗୋଡ଼ଧରି ଭୁଲ୍ ମାଗିଲେ ଆକ୍ରମଣକାରୀ

**ଟାଙ୍ଗୀ,ଖୋର୍ଦ୍ଧା,୨୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଏନ୍ଏସି ଅନ୍ତର୍ଗତ ପଣସପୁର ପାଟଣାରେ ଜନଗଣନାକାରୀ ଶିକ୍ଷୟିତ୍ରୀଙ୍କୁ ଜନୈକ ଯୁବକ ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ କରିବା ଘଟଣା ସୋସିଆଲ୍ ମିଡିଆରେ ପ୍ରଚାର ହୋଇଥିଲା। ପରେ ପ୍ରଶାସନର ହସ୍ତକ୍ଷେପ ଯୋଗୁ ଯୁବକ ଜଣଙ୍କ ଶିକ୍ଷୟିତ୍ରୀଙ୍କ ପାଦ ଧରି ଭୁଲ୍ ମାଗିବା ପରେ ଘଟଣାର ସମାଧାନ ହୋଇଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀ ହୁଲାସିନୀ ଦେଇ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅକ୍ଷୟ ମଙ୍ଗରାଜ ନାମକ ଜଣେ ଯୁବକ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲା। ଅଭିଯୋଗପାଇ ଟାଙ୍ଗୀ ବିଡିଓ ରୁମାନା ଜାଫିର୍ ଆକ୍ରମଣକାରୀ ଅକ୍ଷୟଙ୍କ ଘର ନିକଟରେ ପହଞ୍ଚିଥିଲେ। ବିଡିଓଙ୍କ ସହ ପିଇଓ ମଦନ ସୁନ୍ଦର ସାହୁ ଓ ଆକ୍ରମଣର ଶିକାର ହୋଇଥିବା ଶିକ୍ଷୟିତ୍ରୀ ସମ୍ପୃକ୍ତ ଯୁବକଙ୍କ ଘର ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଆକ୍ରମଣକାରୀ ଯୁବକ ନିଜର ଭୁଲ୍ ସ୍ୱୀକାର କରିବା ସହ ମହିଳାଙ୍କ ଗୋଡ଼ ଧରି ଭୁଲ୍ ମାଗିଥିଲା ଏବଂ ଆଗକୁ ଆଉ ଏପରି ଭୁଲ୍ ହେବ ନାହିଁ ବୋଲି କହିବା ପରେ ଘଟଣାର ସମାଧାନ ହୋଇଥିଲା।

# ମା’ ବୁଢ଼ୀ ଜାଗୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠାରେ କଳସ ଯାତ୍ରା

**ଟାଙ୍ଗୀ,୨୪।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଜରିପଡ଼ା ପଞ୍ଚାୟତ ଉପରକଣୀ ଗ୍ରାମରେ ଥିବା ମା’ ଜାଗୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳାଙ୍କ ସହ କର୍ତ୍ତା ହରିଶ୍ ମହାନ୍ତି ଓ ତାଙ୍କ ପତ୍ନୀ ଅରୁନ୍ଧତୀ ମହାନ୍ତି ବିରୂପା ନଦୀକୂଳରୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି କଳସ ଯାତ୍ରା ଆରମ୍ଭ କରିଥିଲେ। ଏହି କଳସ ଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ପରେ ସୂର୍ଯ୍ୟପୂଜା, ନୂତନ ମନ୍ଦିର ପ୍ରତିଷ୍ଠା ସହ ମା’ଙ୍କ ମନ୍ଦିର ପ୍ରବେଶ ଓ ଯଜ୍ଞ ଅଗ୍ନି ସ୍ଥାପନ କରାଯାଇଥିଲା। ପଣ୍ଡିତ ଗଗନ ଷଡ଼ଙ୍ଗୀ, ଅଜିତ୍ ମହାପାତ୍ର, କଳ୍ପତରୁ ଶତପଥୀ, ଭକ୍ତ ବତ୍ସଳ



ଦାସ, ତପନ ଦାସଙ୍କ ବେଦପାଠ ସହ ହରିବୋଲ ହୁଳହୁଳି ଓ ନାମ ସଙ୍କୀର୍ତ୍ତନରେ ପୁରା ପରିବେଶ କମ୍ପି ଉଠିଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# କ୍ୟାନସର୍ ପୀଡ଼ିତଙ୍କୁ ଭେଟିଲେ ‘ଦୟାନିଧି ପ୍ରତିଭା ବିକାଶ’ ପ୍ରତିଷ୍ଠାନର କର୍ମକର୍ତ୍ତା



**ବୟାଳିଶମୌଜା,୨୪।୪/ଏନ୍ଏନ୍ଏସ୍:** କଟକ ସଦର ବୟାଳିଶମୌଜା ଅନ୍ତର୍ଗତ ପଟଣା ଗ୍ରାମସ୍ଥିତ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ବରିଷ୍ଠ ସଭ୍ୟ ଟାଇଁକଣା ଗ୍ରାମର କାହ୍ନୁ ଚରଣ ପତି କ୍ୟାନସର୍‌ରେ ପୀଡ଼ିତ ହୋଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସଭାପତି ସରୋଜ ନଳିନୀ ପରିଜାଙ୍କ ପରାମର୍ଶକ୍ରମେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ, ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ ସଭ୍ୟ ଉପେନ୍ଦ୍ର ବାରିକ ଶ୍ରୀ ପତିଙ୍କ ଘରେ ପହଞ୍ଚି ଆଲୋଚନା କରିବା ସହ ସାଲ୍ ପ୍ରଦାନ କରିଥିଲେ। ଶ୍ରୀ ପତିଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇବା ସହ ତାଙ୍କର ଚିକିତ୍ସା ପାଇଁ ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ଅସ୍ତରଙ୍ଗ,୨୪।୪/ଏନ୍ଏନ୍ଏସ୍:** କାକଟପୁର ବ୍ଲକ୍ ଅନ୍ତର୍ଗତ ସାଡ଼େଙ୍ଗା ଗ୍ରାମରେ ମା’ ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରଥମଦିନରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହିତ ପୂଜା ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ଦିନ ଗୁଡ଼ିକରେ ଅଧିବାସ ଓ ବିଭିନ୍ନ ପାରମ୍ପରିକ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ କଳସ ଯାତ୍ରା ସହରର ମୁଖ୍ୟ ଆକର୍ଷଣ ସାଜିଥିଲା ଯେଉଁଥିରେ ଶତାଧିକ ମହିଳା ଓ ଗ୍ରାମବାସୀ ସାମିଲ୍ ହୋଇଥିଲେ। ଏହି ଅବସରରେ ଏକ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ପ୍ରସିଦ୍ଧ ଭଜନ ଗାୟକମାନେ ଯୋଗଦେଇ ନିଜର ଭକ୍ତିପୂର୍ଣ୍ଣ ସଙ୍ଗୀତ ମାଧ୍ୟମରେ ଶ୍ରୋତାଙ୍କୁ ବିଭୋର କରିଥିଲେ। ମହୋତ୍ସବର ଅନ୍ତିମ ଦିନରେ ବାଜା, ବାଣ ଓ ରୋଷଣୀ କରି ଦୋଳଗୋବିନ୍ଦଙ୍କୁ ଗ୍ରାମ ପରିଭ୍ରମଣ କରାଯାଇଥିଲା। ସଂଧ୍ୟାରେ ବିଶେଷ ପୂଜାର୍ଚ୍ଚନା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରସାଦ ବିତରଣ କରାଯାଇଥିଲା। ସାଡ଼େଙ୍ଗାର ‘ଚଣ୍ଡୀମାତା ଯୁବକ ସଂଘ’ର ସଦସ୍ୟ ଏବଂ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି।

## ଚତୁର୍ଥଦିନରେ ରଥ ନିର୍ମାଣ

# ତିନି ରଥର ୨୬ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ

**ପୁରୀ,୨୪।୪/ଏନ୍ଏନ୍ଏସ୍:** ରଥ ନିର୍ମାଣର ଚତୁର୍ଥଦିନରେ ରଥ ନିର୍ମାଣକାରୀ ସେବକମାନେ ସକାଳ ୮ଟା ପୂର୍ବରୁ ରଥଖଳାରେ ଉପସ୍ଥିତ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥ ମହାରଣା ସେବକ ୩୭ ଜଣ, ଭୋଇ ସେବକ ୧୯ ଜଣ, କରତୀ ସେବକ ୪ ଜଣ, ତିନି ରଥ କମାର ସେବକ ୬ ଜଣ ଓ ରଥ ଖଳା ସହାୟକ(ପାଣି ବାଲା) ଜଣଙ୍କ ସହ ମୋଟ୍ ୬୭ ଜଣ ଆଜି ଯୋଗ ଦେଇଥିଲେ। ଆଜି କାର୍ଯ୍ୟ ଶେଷସୁଦ୍ଧା ତିନି ରଥର ମୋଟ୍ ୨୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ତେବେ ଦେବଦଳନ ରଥ ଏବଂ ନନ୍ଦିଘୋଷା ରଥର ମହାରଣାମାନେ ୮ଟି ଲେଖାଏଁ ତୁମ୍ବର



ଗୋଲେଇ କାର୍ଯ୍ୟ ଶେଷ କରିଥିବାବେଳେ ତାଳଧ୍ୱଜ ରଥର ମହାରଣା ସେବକମାନେ ୧୦ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ୪୨ଟି ଚକ ପାଇଁ ୪୨ଟି ତୁମ୍ବର ଆବଶ୍ୟକତା ଥିବାବେଳେ କରତୀ ସେବକମାନେ ଆଜି ସୁଦ୍ଧା ସମସ୍ତ ୪୨ଟି ତୁମ୍ବ ଗଡ଼ କରି ତିନିରଥ ଚାଳିକୁ ଯୋଗାଇ ଦେଇଛନ୍ତି। ଆଜିସୁଦ୍ଧା ତାଳଧ୍ୱଜ ରଥର ମୋଟ୍ ୧୪ଟି ଚକ ପାଇଁ ଆବଶ୍ୟକ ୧୪ଟି ଗଡ଼ ତୁମ୍ବରୁ ୧୦ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରି ବାକି ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ଜାରି ରହିଛି। ସେହିପରି ଦେବଦଳନ ରଥର ମୋଟ୍ ୧୨ଟି ଚକ ପାଇଁ ଯୋଗାଇ ଦିଆଯାଇଥିବା ୧୨ଟି ତୁମ୍ବ ମଧ୍ୟରୁ ୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରି ବାକି ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ଦେବଦଳନ ରଥର ମହାରଣା ସେବକମାନେ ଜାରି ରଖିଛନ୍ତି। ନନ୍ଦିଘୋଷ ରଥର ମୋଟ୍ ୧୬ଟି ଚକ ପାଇଁ ଯୋଗାଇ ଦିଆଯାଇଥିବା ସମସ୍ତ ୧୬ଟି ଗଡ଼ ତୁମ୍ବ ମଧ୍ୟରୁ ୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ବାକି ୮ଟି ତୁମ୍ବ ଗଡ଼ ଗୁଡ଼ିକର ଗୋଲେଇ କାର୍ଯ୍ୟ ନନ୍ଦିଘୋଷ ରଥ ମହାରଣା ସେବକମାନେ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କାର୍ଯ୍ୟରତ ୩ ରଥ ଓଝା କମାର ସେବକ ମୋଟ୍ ୪୨ଟି ଚକ ପାଇଁ ଅର କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। ଆଜିର କାର୍ଯ୍ୟ ଶେଷ ବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬ରୁ ୭ ଇଞ୍ଚିଆ ଅର କଣ୍ଟା ପ୍ରସ୍ତୁତ ସହ ବାକି ଚକ ଗୁଡ଼ିକର ଅର କଣ୍ଟା ନିର୍ମାଣ ପାଇଁ ଜିଆଇ ଲୁହା ରଡ୍ ମାପ ପ୍ରକାରେ କଟିଂ କରି ରଖିଛନ୍ତି।

## ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ୍

# କୋରାପୁଟକୁ ହରାଇ ବରଗଡ଼ ବିଜୟୀ

**ଖୋର୍ଦ୍ଧା,୨୪।୪/ଏନ୍ଏନ୍ଏସ୍:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିୟର୍ ମହିଳା ଟି-୨୦ କ୍ରିକେଟ୍ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ସ୍ଥାନୀୟ ବିଜେବି ହାଇସ୍କୁଲ୍ ମିନି ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ପ୍ରାରମ୍ଭିକ ମ୍ୟାଚ୍‌ରେ କୋରାପୁଟକୁ ପରାସ୍ତ କରି ବରଗଡ଼ ବିଜୟୀ ହୋଇଛି। ବରଗଡ଼ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ଏଞ୍ଜେଲ୍ ରାଜଙ୍କ ୫୭ ରନ୍ ଓ ଲିପ୍ସା ରଥଙ୍କ ୨୯ ରନ୍ ସହାୟତାରେ ୧୪୫ ରନ୍ କରିଥିଲା। ଏହାର ଜବାବରେ କୋରାପୁଟ ଦଳ ୧୮.୫ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୧ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ସୁଧୃତି ରାଉତ ୨୫ ରନ୍ କରିଥିବାବେଳେ ବରଗଡ଼ ପକ୍ଷରୁ



ଦେବାଂଶି, ଲୁଇସା ଦାଶ ଓ ଶ୍ରେୟା ପରମାଣିକ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ପ୍ରାରମ୍ଭରେ ଏହି ଜୋନାଲ୍ ମ୍ୟାଚ୍‌କୁ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଏବଂ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍‌ର ପୂର୍ବତନ ଅଧିନାୟକ ଦେବୀ ଶଙ୍କର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍‌ର ସଭ୍ୟ ବିବେକାନନ୍ଦ ବୋଷ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ମହିଳା ଜିଲ୍ଲା ଦଳର ଦିବ୍ୟାନ୍ବି ପଣ୍ଡା ଓ ସୌମ୍ୟା ପାଟ୍ଟଶାଣୀଙ୍କୁ ଜିଲ୍ଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ପାୟାର ରୂପେ ସତ୍ୟ ତ୍ରିପାଠୀ, ରାଜେଶ ମହାପାତ୍ର ଏବଂ ସ୍କୋରର୍ ଭାବେ ବିଶାଳ ପରିଡ଼ା ଦାୟିତ୍ୱ ତୁଲାଇଥିଲେ।

# ଅଷ୍ଟପ୍ରହରୀ ନାମଯଜ୍ଞ

**ବୋଲଗଡ଼,୨୪।୪/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟ ଗଣେଶ ବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବହୁ ନାମା ଗୋଷ୍ଠୀ ମହିଳା ମଣ୍ଡଳୀମାନେ ଆସି ବିଭିନ୍ନ ଶୈଳୀରେ ଭଗବାନ ରାମକୃଷ୍ଣଙ୍କ ନାମକୁ ପରିବେଷଣ କରିଥିଲେ। ଏହାକୁ ଦେଖିବା ପାଇଁ ଅଞ୍ଚଳର ଭଗବତ ପ୍ରେମୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ପ୍ରଥାକୁ ଅଞ୍ଚଳବାସୀ ତଥା ବିଶେଷକରି ଗଡ଼ଭିତର ସାହିର ଅଧିବାସୀମାନେ ଆଜିପର୍ଯ୍ୟନ୍ତ ବଞ୍ଚେଇ ରଖିଛନ୍ତି। ଗଡ଼ଭିତର ମୁଖ୍ୟ ଦଳବେହେରା ପରିବାର ଓ ଅଞ୍ଚଳବାସିନ୍ଦା ବୋଲଗଡ଼ ଐତିହାସିକ ରବିନ୍ଦ୍ର କୁମାର ପରିଡ଼ା, ରଘୁନାଥ ଦଳବେହେରା, ଲଲାଟେନ୍ଦୁ କେଶରୀ ସିଂହ, ସନାତନ ପାଟ୍ଟଶାଣୀ, ଭକ୍ତ ବଲ୍ଲଭ ପଟ୍ଟନାୟକ, ପବିତ୍ର ମୋହନ ସୁବୁଦ୍ଧି, ଦୟାନିଧି ମଙ୍ଗରାଜ, ଗଦାଧର ଚମ୍ପତି, ରାମଚନ୍ଦ୍ର ମାର୍ଥା, ଚରଣ ସାହୁ ଓ ବାଟି ପରିଡ଼ା ପ୍ରମୁଖଙ୍କ ସହଯୋଗରେ ଏହି ଅଷ୍ଟପ୍ରହରୀ ହୋଇଆସୁଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଖୋର୍ଦ୍ଧା,୨୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମର ବିଭୁ ବିକାଶ ବଡ଼ଜେନାଙ୍କୁ ସେହି ଗ୍ରାମର ରମେଶ ବଡ଼ଜେନା ଏବଂ ତାଙ୍କ ପୁଅ ଲକି ବଡ଼ଜେନା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରିଥିବା ଜଣାପଡ଼ିଛି। ବୁଧବାର ବିଭୁ ବଜାରରୁ ନିଜ ଗ୍ରାମ କୁମାରବସ୍ତକୁ ଫେରୁଥିବା ସମୟରେ ରମେଶ ଓ ଲକି ତାଙ୍କୁ ଅଟକାଇ ଅତର୍କିତ ଭାବେ ଖଣ୍ଡାରେ ମୁଣ୍ଡକୁ ଆଘାତ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଏହି ସମୟରେ ପାଟି ଶୁଣି ବିଭୁଙ୍କ ମାଆ ପୁଅକୁ ଆକ୍ରମଣକାରୀଙ୍କ କବଳରୁ ବଞ୍ଚାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ବିଭୁଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ବିଭୁଙ୍କ ଲିଖିତ ଅଭିଯୋଗ ଆଧାରରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୁଲିସ୍ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ଏସମ୍ପର୍କରେ ପୂର୍ବରୁ ବହୁବାର ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାପ-ପୁଅଙ୍କ ଉତ୍ପାତ ଦିନକୁଦିନ ବଢ଼ିବାରେ ଲାଗିଛି। ତେବେ ଉଭୟ ଅଭିଯୁକ୍ତ ସମ୍ପର୍କରେ ବିଭୁଙ୍କ ନିଜ ବଡ଼ଭାଇ ଏବଂ ପୁତୁରା ବୋଲି ସୂଚନା ମିଳିଛି। ତେବେ ଅଭିଯୁକ୍ତ ବାପ-ପୁଅଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### କେସିଙ୍ଗା ରେଳ ଷ୍ଟେସନ୍‌ରେ ଅବ୍ୟବସ୍ଥା ଦୂର କରିବାକୁ ଦାବି

# କଂଗ୍ରେସ ପକ୍ଷରୁ ସମ୍ବଲପୁର ଡିଆରଏମ୍‌ଙ୍କୁ ଦାବିପତ୍ର



**ଭବାନୀପାଟଣା,୨୪।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳ ଷ୍ଟେସନ୍‌ରେ ବିଭିନ୍ନ ଅବ୍ୟବସ୍ଥା ଓ ଯାତ୍ରୀଙ୍କୁ ଉଚିତ୍ ସୁବିଧା ଯୋଗାଇବା ଦାବିରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ବିଧାୟକ ପ୍ରତିନିଧି ଧନୁର୍ଯ୍ୟ ଗହୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେସିଙ୍ଗା ଷ୍ଟେସନ୍ ମାଷ୍ଟର୍‌ଙ୍କ ଜରିଆରେ ସମ୍ବଲପୁର ଡିଭିଜନ୍ ଡିଆର୍‌ଏମ୍ ସୁଭାଷ ସି ଚୌଧୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ କେସିଙ୍ଗା ରେଳ ଷ୍ଟେସନ୍ ଏକ ପୁରାତନ ଓ ମୁଖ୍ୟ ରେଳ ଷ୍ଟେସନ୍ ହୋଇଥିବାବେଳେ ସବୁବେଳେ ଯାତ୍ରୀଙ୍କ ଭିଡ଼ ଲାଗି ରହିଥାଏ। ହେଲେ ରେଳ ଷ୍ଟେସନ୍‌ରେ ଯାତ୍ରୀଙ୍କ ସୁବିଧା ପାଇଁ ରେଳ ବିଭାଗ ପକ୍ଷରୁ ଯେଉଁ ସୁବିଧା ଉପଲବ୍ଧ କରିବା କଥା ସେମାନେ କରୁନଥିବା କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ରେଳ ଷ୍ଟେସନ୍‌ରେ ପାନୀୟଜଳ ମିଳୁନି, ୱେଟିଂ ରୁମ୍‌ର ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଉନି ଓ ଷ୍ଟେସନ୍ ପରିସରରେ ଆଲୋକ ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ଅଧିକାଂଶ ସମୟରେ ଚୋରିର ଶିକାର ହେଉଛନ୍ତି। ସେହିପରି ୧ନଂ ଓ ୪ନଂ ପ୍ଲାଟଫର୍ମରେ ଟ୍ରେନ୍ ଗୁଡ଼ିକ ରହଣୀ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ୨ନଂ ଓ ୩ନଂ ପ୍ଲାଟ୍‌ଫର୍ମରେ ଟ୍ରେନ୍ ଗୁଡ଼ିକ ରହୁଥିବାରୁ ବୃଦ୍ଧ, ହେଣ୍ଡିକେପ୍ ଓ ମହିଳା ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଯଥାଶୀଘ୍ର ଲିଫ୍ଟର ବ୍ୟବସ୍ଥା କରିବା ସହ ସମସ୍ତ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ସମ୍ବଲପୁର ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଛି। ଅମୃତ ଷ୍ଟେସନ୍ ନିର୍ମାଣ ନାଁରେ ଯଦି ଯାତ୍ରୀଙ୍କୁ ସୁବିଧା ସୁଯୋଗରୁ ବଞ୍ଚିତ କରାଯିବ ତା'ହେଲେ କଂଗ୍ରେସ ଚୁପ୍ ରହିବନି ଜୋରଦାର୍ ଆନ୍ଦୋଳନ କରିବ ବୋଲି ବିଧାୟକ ପ୍ରତିନିଧି ଶ୍ରୀ ଗହୀର ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ରାମକୁମାର ଜୈନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ଦୀପ, କେସିଙ୍ଗା ନଗର କଂଗ୍ରେସ ସଭାପତି ସୁଭାଷ ଜୈନ, ବ୍ଲକ୍ କଂଗ୍ରେସ ସଭାପତି ରାହାସ ସାହୁ, ଜିଲ୍ଲା ଅନୁସୂଚିତ ସେଲ୍ ସଭାପତି ରମେଶ କୁମାର, କେଶବ ନାଏକ, ସୁଶାନ୍ତ କୁମାର ନାଏକ, ବାବୁଲାଲ ସୁନାନୀ, ମୋତି କୈବର୍ତ୍ତ, ବିଶ୍ୱାସୀ ନାଏକ, କୈବଲ୍ୟ ନାଏକ, ପୁରନ୍ଦର କୁମାର, ଗରୁଡ଼ ବନଛୋର, ରାମଚନ୍ଦ୍ର ମାତଖଣ୍ଡିଆ, ଜବାହର ଆଡ଼ୟୁଆଡ଼ ଓ ବରୁଣ ସାହୁ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ସାମିଲ୍ ହୋଇଥିଲେ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍

**ଜୟପୁର,୨୪।୪/ଏନ୍‌ଏନ୍‌ଏସ୍:** ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଜୟପୁରସ୍ଥିତ ପୋକ୍ସୋ କୋର୍ଟ ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ ୨୦୨୩ ମସିହାରେ କୋଟପାଡ଼ ଥାନା ଅଞ୍ଚଳରେ ନାବାଳିକାକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ କୋଟପାଡ଼ ଥାନା ଅନ୍ତର୍ଗତ ଷଡ଼ରଙ୍ଗୀ ଗ୍ରାମର ବିତ୍ୟା ପୂଜାରୀ ଅପହରଣ ଏବଂ ଦୁଷ୍କର୍ମ କରିଥିଲେ। ମାମଲାରେ ୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜୟପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଡ଼କ୍ଟର ସଂଘମିତ୍ରା ଦାଶ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ହେଲେ ୧୫ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଇଛନ୍ତି। ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି ସନ୍ୟାସୀ ରାଓ ମାମଲା ପରିଚାଳନା କରୁଥିଲେ।

# ସାମ୍ବାଦିକଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ

**ରେଢ଼ାଖୋଲ,୨୪।୪/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ସରାପାଲି ପଞ୍ଚାୟତର କୁଞ୍ଜବନରେ ନାମଯଜ୍ଞ ଚାଲିଥିବା ବେଳେ ଖବର ସଂଗ୍ରହ କରିବା ପାଇଁ ସାମ୍ବାଦିକ ଅରୂପାନନ୍ଦ ନାୟକ ସେଠାକୁ ଯାଇଥିଲେ। ଏହି ସମୟରେ କତରାପାଲି ଗ୍ରାମର ହିମାଂଶୁ ଶେଖର ସାହୁ ନୋଏଣ୍ଟ୍ରି ଭିତରେ ଦ୍ରୁତଗତିରେ ଗାଡ଼ି ଚଲାଇ ଆସି ଅରୂପାନନ୍ଦଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଚପାଇବାକୁ ଚେଷ୍ଟା କରିଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ତାଙ୍କ ସାଙ୍ଗରେ ଆହୁରି ୩ ଜଣ ମଧ୍ୟ ଥିଲେ। ତେବେ ଏନେଇ ଶୁକ୍ରବାର ସକାଳେ ନାକଟିଦେଉଳ ଥାନାରେ ଲିଖିତ ଭାବେ ସାମ୍ବାଦିକ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ଥାନାଧିକାରୀ ଗମ୍ଭୀରତା ସହିତ ନେବାସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦାବି କରିଛନ୍ତି।

### ରାୟଗଡ଼ାରେ ଜମି କିଣିବା ପାଲଟିଲା ସପ୍ନ

# ଜମିର ବେଞ୍ଚମାର୍କ ଭେଲ୍ୟୁଏସନ୍ ବୃଦ୍ଧି ନେଇ ଅସନ୍ତୋଷ



**ରାୟଗଡ଼ା,୨୪।୪/ଏନ୍‌ଏନ୍‌ଏସ୍:** ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଜମି କିଣି ସ୍ୱପ୍ନର ଘରଟିଏ ତୋଳିବା ଆଜିର ଦିନରେ ସ୍ୱପ୍ନରେ ପରିଣତ ହୋଇଛି। ଜିଲ୍ଲାରେ ଜମିର ବେଞ୍ଚମାର୍କ ବୃଦ୍ଧି କରି ସାଧାରଣ ପରିବାରକୁ ସରକାର ଶକ୍ତ ଝଟକା ଦେଇଛନ୍ତି। ଜମି ବେଞ୍ଚମାର୍କ ଭେଲ୍ୟୁଏସନ୍ ବୃଦ୍ଧିକୁ ନେଇ କଂଗ୍ରେସ ବିଧାୟକ ଆପାଲାସ୍ୱାମୀ କାଡ୍ରାକା ଅସନ୍ତୋଷ ବ୍ୟକ୍ତ କରି ସରକାରଙ୍କୁ ପୁନଃବିଚାର ପାଇଁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜମି କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରାକା ଏବଂ ସମ୍ମାନିତ ଅତିଥିରୂପେ ଡା. ଦୁର୍ଗା ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ରିଏଲ୍‌ଇଷ୍ଟେଟ ଜିଲ୍ଲା ସଭାପତି ଗୁଡ଼ାଲା ଶ୍ରୀନୁ ବୈଠକକୁ ପରିଚାଳନା କରିଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତିକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ଶ୍ରୀ କାଡ୍ରାକା ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି କହିଥିଲେ ଯେ ରାଜ୍ୟ ସରକାର ଓଡ଼ିଶା ଷ୍ଟାମ୍ପ୍ ନିୟମ, ୧୯୫୨କୁ ସଂଶୋଧନ କରିବା ପାଇଁ ଯେଉଁ ନୂତନ ନିୟମ ଗୁଡ଼ିକ ପ୍ରଣୟନ କରିଛନ୍ତି ତାହା ବିଭିନ୍ନ ଗ୍ରାମର କିଛି ପ୍ଲଟ୍‌ର ବର୍ତ୍ତମାନର ବିଏମ୍‌ଭି ଅପେକ୍ଷା ବୃଦ୍ଧିର ଶତକଡ଼ା ୪୯୦୦ ପ୍ରତିଶତ ଅଧିକ ଦର୍ଶାଉଛି। ଚେକଗୁଡ଼ା ମୌଜାର ଉପରୋକ୍ତ ଆବାସିକ ପ୍ଲଟ୍ ସଂଖ୍ୟା ପାଇଁ ଶତକଡ଼ା ୬୭ ପ୍ରତିଶତ ବୃଦ୍ଧି ପ୍ରସ୍ତାବ ଖୁବ୍ ଅଧିକ କାରଣ ଏହି ଜମି ଖୋଲା ନିକଟରେ ରହିଛି। ସେହିପରି ଗୁରୁଗୁଡ଼ାର ଆବାସିକ ପ୍ଲଟ୍ ପାଇଁ ବେଞ୍ଚ ମାର୍କ ମୂଲ୍ୟରେ ଶତକଡ଼ା ୨୨୮ ବୃଦ୍ଧିର ପ୍ରସ୍ତାବ ଅଧିକ। ସମସ୍ତ ଗ୍ରାମ ପାଇଁ ଆବାସିକ ପ୍ଲଟ୍ ପାଇଁ ବୃଦ୍ଧି ସର୍ବାଧିକ ଶତକଡ଼ା ୧୦ ପର୍ଯ୍ୟନ୍ତ ସୀମିତ ରହିବା ଉଚିତ୍। କାରଣ ବେଞ୍ଚମାର୍କ ପ୍ଲଟ୍ ମୂଲ୍ୟ ବର୍ତ୍ତମାନ ପରିପୂର୍ଣ୍ଣ ଶୀର୍ଷରେ ରହିଛି ଏବଂ ଯଦି ଆବାସିକ ପ୍ଲଟ୍ ପାଇଁ ବେଞ୍ଚମାର୍କ ମୂଲ୍ୟ ଶତକଡ଼ା ୧୦ରୁ ଅଧିକ ବୃଦ୍ଧି ହୁଏ ତେବେ ଜଣେ ସାଧାରଣ ବ୍ୟକ୍ତି ଘର ପ୍ଲଟ୍ କିଣିପାରିବ ନାହିଁ।

ସୂଚନାନୁଯାୟୀ ଏପ୍ରିଲ୍ ପହିଲାରୁ ରାୟଗଡ଼ା ସହରଠାରୁ ପାଞ୍ଚ କିଲୋମିଟର୍ ପର୍ଯ୍ୟନ୍ତ ସମସ୍ତ ଜମିର ବେଞ୍ଚମାର୍କ ଭେଲ୍ୟୁଏସନ୍ ମୂଲ୍ୟ ବୃଦ୍ଧି କରାଯାଇଛି। ଫଳରେ ରାୟଗଡ଼ା ମୌଜା ଜମିର ଏକର ପ୍ରତି ମୂଲ୍ୟ ପ୍ରାୟ ୩.୬୩ କୋଟିରୁ ୮ କୋଟି ପର୍ଯ୍ୟନ୍ତ ବଢ଼ିଛି। ସେହିପରି ବାରିଖୋଲା, ଚେକାଗୁଡ଼ା, ତୁମ୍ପିଗୁଡ଼ା, ରାମଚନ୍ଦ୍ରପୁର, ରାଣିଗୁଡ଼ା, କତାପେଟା, ଚାନ୍ଦିଲି, ପେଷ୍ଟା ଓ ଖଲିଗୁଡ଼ା ମୌଜାର ୧ରୁ ୩ କୋଟି ପର୍ଯ୍ୟନ୍ତ ରହିଥିବାବେଳେ ତାହା ବର୍ତ୍ତମାନ ୮ କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଲୋକଙ୍କ ପାଖରେ ଅର୍ଥ ନାହିଁ। ଏଠି ଲୋକଙ୍କର କ୍ରୟ କ୍ଷମତା ସୀମିତ ଥିବାରୁ ଏପରି ନୀତି ଭୂମିସ୍ତରର ଅର୍ଥନୈତିକ କାର୍ଯ୍ୟକଳାପକୁ ବାଧା ଦେଇପାରେ। ତେଣୁ ଏନେଇ ବିଧାୟକ କାଡ୍ରାକା ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖି ଏହାକୁ ପୁନର୍ବାର ବିଚାର କରି ଜମିର ବେଞ୍ଚମାର୍କ ଭେଲ୍ୟୁଏସନ୍ ଦର ପୂର୍ବପରି କରିବାକୁ ଦାବି କରିଛନ୍ତି। ଏହି ବୈଠକରେ ରାୟଗଡ଼ା ଜିଲ୍ଲା ରିଏଲଇଷ୍ଟେଟ୍ ସଂଘର ସଭାପତି ଗୁଡ଼ାଲା ଶ୍ରୀନୁ, ଉପସଭାପତି ଇପିଲି ସନ୍ୟାସୀ ରାଜୁ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ କେ ବି ଶ୍ରୀଧର ଓ ସୁନୀଲ କୁମାର ପଣ୍ଡାଙ୍କ ସହ ସଂଘର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

# ନାରିଙ୍ଗଝୋଲାକୁ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ଗୁରୁତ୍ୱ



**ମାଲକାନଗିରି,୨୪।୪/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ କୋରୁକୋଣ୍ଡା ବ୍ଲକ୍‌ର ନାକାମାମୁଡ଼ି ପଞ୍ଚାୟତରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏବଂ ଚାଲିଥିବା ପ୍ରକଳ୍ପ ଗୁଡ଼ିକର ସଠିକ୍ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏକ ସ୍ୱତନ୍ତ୍ର ପରିଦର୍ଶନ କରିଛନ୍ତି। ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଏବଂ ଲୋକଙ୍କ ସମସ୍ୟା ଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣି ତା'ର ସମାଧାନ କରିବା ପ୍ରଶାସନର ଏହି ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା। ସେହିପରି ବାଘପଡ଼ା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସମୟରେ ଅତିରିକ୍ତ ଶ୍ରେଣୀ ଗୃହର ସ୍ଥିତି ପରଖିବା ପରେ ଗ୍ରାମରେ ବହୁ ଦିନରୁ ଅସମ୍ପୂର୍ଣ୍ଣ ରହିଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ବିଷୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ବିଡିଓଙ୍କୁ କାର୍ଯ୍ୟଟିକୁ ଅତିଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେଠାରେ ହିଁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଦାମଦରବେଡ଼ା ଗ୍ରାମରେ ସେତୁ ଯୋଜନାରେ ନିର୍ମାଣଧୀନ ୩୦ ଲକ୍ଷ ଟଙ୍କାର ବକ୍ସ ସେଲ୍ କଲଭର୍ଟ କାର୍ଯ୍ୟର ଅନୁଧ୍ୟାନ ବେଳେ ବର୍ଷା ଦିନ ପୂର୍ବରୁ ଏବଂ ସବୁ ସମୟ ପାଇଁ ଗୁଣବତ୍ତା ଅପରିବର୍ତ୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି। ଗଙ୍ଗାପଡ଼ା ଗ୍ରାମରେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ପରିଲକ୍ଷିତ ହୋଇଥିଲା। ଏନେଇ ଜିଲ୍ଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ତାଗିଦ୍ କରି ଉଚ୍ଚମାନର ନିର୍ମାଣ ଶୈଳୀ ଆପଣେଇବାକୁ ସତର୍କ କରାଇଥିଲେ। ଏହାସହ ନାରିଙ୍ଗଝୋଲା ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ହେଲେ ସେଠାରେ ଥିବା ଗ୍ରାମୀଣ ହାଟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଜନମନ) ଯୋଜନାରେ ନିର୍ମିତ ହେଉଥିବା ୪୦ଟି ଗରିବ ପରିବାରଙ୍କ ଆବାସ ଗୃହ ନିର୍ମାଣକୁ ଠିକ୍ ସମୟରେ ସାରିବାକୁ ଯୋଜନା କରାଯାଇଛି। ରାବା ଗ୍ରାମର ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ସହ ନୀଳାପାରିସ୍ଥିତ କୃଷି ଉତ୍ପାଦନ କ୍ଲଷ୍ଟର୍ ପରିଦର୍ଶନ ବେଳେ ଜିଲ୍ଲାପାଳ ଚାଷୀ ଓ ଅନ୍ୟ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସଫଳତା ଓ ସମସ୍ୟା ବୁଝିଥିଲେ। ସେହିପରି ନାକାମାମୁଡ଼ି ଜଳଯୋଗାଣ ପ୍ରକଳ୍ପ ବୁଲି ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥାର ତଦାରଖ କରିଥିଲେ। ସମସ୍ତ ଅଧିକାରୀଙ୍କୁ ଆଗାମୀ ୨ ମାସ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ଚେତାବନୀ ଦେଇଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦାଶରଥୀ ସରାବୁ, ପିଏଆଇଟିଡିଏ ହଳଧର ଶବରଙ୍କ ସମେତ ଜିଲ୍ଲାର ପ୍ରଶାସନିକ ପ୍ରମୁଖ ବ୍ୟକ୍ତିବିଶେଷ ଓ ଯନ୍ତ୍ରୀମାନେ ସାମିଲ୍ ଥିଲେ।

# 'ବିବେକ ଜଳ' ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ




**ଭବାନୀପାଟଣା,୨୪।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ 'ବିବେକ ଜଳ' ପକ୍ଷରୁ ଭବାନୀପାଟଣା କଲେଜ ଛକ ନିକଟରେ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ସହରରେ ଦିନକୁଦିନ ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ବିବେକ ଜଳର ପ୍ରତିଷ୍ଠାତା ଡ଼. ଶିବରାମ ନାୟକ ଜଳଛତ୍ର ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର କାର୍ଯ୍ୟକ୍ରମ ହେବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅମର ଲାଲ ସି, ପ୍ରସନ୍ନ ପଟ୍ଟନାୟକ, ରମେଶ ପଲେଇ, ଆଶିଷ କୁମାର ସାହୁ, ସନ୍ତୋଷ ପରିଡ଼ା, ଅଶୋକ କୁମାର ଖମାରୀ, କୁମୁଦକାନ୍ତ ବାଗ, ଦୀନବନ୍ଧୁ ଛତ୍ରିଆ, ପ୍ରଶାନ୍ତ କୁମାର ପ୍ରଧାନ, ପରୀକ୍ଷିତ ଚୌହାନ ଓ ଗଜେନ୍ଦ୍ର ଡାକୁଆଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

### ନାରୀଶକ୍ତି ବନ୍ଦନ ଅଧିନିୟମ ପ୍ରସଙ୍ଗ

# କଳାବ୍ୟାଜ୍ ପିନ୍ଧି ଶୋଭାଯାତ୍ରା କରିବ ବିଜେପି

**ନବରଙ୍ଗପୁର,୨୪।୪/ଏନ୍‌ଏନ୍‌ଏସ୍:** ସଂସଦରେ ଆଗତ ହୋଇଥିବା ନାରୀଶକ୍ତି ବନ୍ଦନ ଅଧିନିୟମ କଂଗ୍ରେସ ଓ ତା'ର ସହଯୋଗୀଙ୍କ ବିରୋଧ ଯୋଗୁ ପାରିତ ହୋଇପାରି ନଥିବାରୁ ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଉପସଭାପତି ଶର୍ମିଷ୍ଠା ଦେଓ, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ବାସନ୍ତୀ ମାଝୀ, ବରିଷ୍ଠ ଅଧିବକ୍ତା କିଶୋରୀ ପଟ୍ଟନାୟକ ଓ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ନବରଙ୍ଗପୁରରେ ଜନଆକ୍ରୋଶ ସମାବେଶ ଅନୁଷ୍ଠିତ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା। ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା କଂଗ୍ରେସ ଓ ତା' ସହଯୋଗୀ ଦଳଙ୍କୁ ଭାରତର ମହିଳାମାନେ ଉଚିତ୍ ଜବାବ ଦେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ। ଏହି ସମାବେଶ ଜରିଆରେ ନାରୀଶକ୍ତିକୁ ବିରୋଧ କରୁଥିବା ବର୍ଗଙ୍କ ବିରୋଧରେ ଶୋଭାଯାତ୍ରା କରାଯିବ ବୋଲି ମଧ୍ୟ ଶ୍ରୀ ଗଣ୍ଡ କହିଛନ୍ତି।

# ବନ୍ଦଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ



**ରାୟଗଡ଼ା,୨୪।୪/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାରେ ଚୋରି ଓ ଲୁଟ୍ ଭଳି ଘଟଣା ଦିନକୁଦିନ ବଢ଼ିବାରେ ଲାଗିଛି। ଏହିକ୍ରମେ ଶୁକ୍ରବାର ପୁଣି ଘରେ ତାଲା ପଡ଼ିଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ଏଭଳି ଏକ ଘଟଣା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ଗ୍ରାମର ଦାନୁ ସାହିରେ ଘଟିଛି। ଗ୍ରାମର ସୁଶାନ୍ତ ସେନାପତିଙ୍କ ଘରେ କେହି ନଥିବାବେଳେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ଥିବା ଆଲମାରୀକୁ ଭାଙ୍ଗି ସୁନା ଗହଣା ସହ ନଗଦ ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ୨ଟି ସୁନା ଚେନ୍, ୨ଟି ମୁଦି, କାନ ଫୁଲ, ସୁନା ହାର ଓ ପ୍ରାୟ ୩ ଲକ୍ଷ ଟଙ୍କା ନଗଦ ଚୋରି ହୋଇଥିବା ସୁଶାନ୍ତ ଅଭିଯୋଗ କରିଛନ୍ତି। ସୂଚନାପାଇ କଲ୍ୟାଣସିଂହପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରାଯିବ ବୋଲି ପୁଲିସ୍ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରାଯାଉଥିବା ନେଇ କଲ୍ୟାଣସିଂହପୁର ଥାନାଧିକାରୀ କଳ୍ପନା ବେହେରା ପ୍ରକାଶ କରିଛନ୍ତି।

# ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ଦାବିନେଇ ସିପିଆଇ ପକ୍ଷରୁ ବିକ୍ଷୋଭ

### ଦାବିପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ




**ରାୟଗଡ଼ା,୨୪।୪/ଏନ୍‌ଏନ୍‌ଏସ୍:** ବଂଶଧାରା ନଦୀର ଉପରମୁଣ୍ଡରେ ଏକ ବ୍ୟାରେଜ୍ ନିର୍ମାଣ ଦାବି କରି ସିପିଆଇଏମ୍‌ଏଲ୍ ଲିବେରସେନ୍ ପକ୍ଷରୁ ରାୟଗଡ଼ା ଜିଲ୍ଲା ଗୁଣପୁରସ୍ଥିତ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏହି ଅବସରରେ ଦଳର ଜିଲ୍ଲା ସମ୍ପାଦକ ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏବଂ ବଂଶଧାରା ତଳି ଅଞ୍ଚଳର ବାସିନ୍ଦାଙ୍କ ସହଯୋଗରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସରକାର ବିରୋଧୀ ସ୍ଲୋଗାନ୍ ଦେଇ କର୍ମୀମାନେ ସହର ପରିକ୍ରମା କରିବା ସହ ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକୀପତ୍ରରେ ଉଲ୍ଲେଖ କରାଯାଇଛି ଯେ ବଂଶଧାରା ନଦୀ ଅବବାହିକା ଅଞ୍ଚଳରେ ବସତି ସ୍ଥାପନ କରୁଥିବା ଲୋକେ ନଦୀର ଉପର ମୁଣ୍ଡରେ ଏକ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ। ତଥାପି ସରକାର ଲୋକଙ୍କ ଅଭିଯୋଗ ନଶୁଣିବାରୁ ଆନ୍ଧ୍ର ସରକାର ଏହାର ଫାଇଦା ଉଠାଇଛି। ଏହାର ଜ୍ୱଳନ୍ତ ଉଦାହରଣ ନେରେଡ଼ି ପ୍ରକଳ୍ପ ଫେଜ୍-୨। ପ୍ରକଳ୍ପ ନିର୍ମାଣ କରିବା ପାଇଁ ଟ୍ରିବ୍ୟୁନାଲ୍ ରାୟ ଆନ୍ଧ୍ର ପାଇଁ ଲାଭଦାୟକ ହୋଇଥିବାବେଳେ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଛି।

ଆନ୍ଧ୍ର ସରକାର ଚାଷୀ ଓ ଚାଷକୁ ଗୁରୁତ୍ୱ ଦେଇ ବଂଶଧାରା ନଦୀର ଜଳକୁ ସୁବିନିଯୋଗ କରି ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ନିର୍ମାଣ କାମ ଜାରି ରଖିଥିବାବେଳେ ଓଡ଼ିଶା ସରକାର ଜଳକା ପରି ଚାହିଁ ବସିଛନ୍ତି। ଆନ୍ଧ୍ର ସରକାରଙ୍କୁ ଚକମା ଦେବା ପାଇଁ ବଂଶଧାରା ନଦୀର ଉପରମୁଣ୍ଡରେ ଏକ ପ୍ରକଳ୍ପ ନିର୍ମାଣ କରିବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି। ତେଣୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ବଂଶଧାରା ନଦୀର ଉପର ମୁଣ୍ଡରେ ପ୍ରସ୍ତାବିତ ପାଣିଡ଼ଙ୍ଗର, ବଂଶଧାରା ଓ ଋଷିକୂଲ୍ୟ ନଦୀ ସଂଯୋଗୀକରଣ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ତେବେ ଯଦି ସରକାର ଲୋକଙ୍କ ଦାବିକୁ ଗୁରୁତ୍ୱ ନ ଦିଅନ୍ତି ତା'ହେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ହେବ। ଆଉ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

